# NATIONAL NEWS BULLETIN (ODIA)

## 15 December - 2024

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର ସରକାରଙ୍କ ନୀତି ଓ ନିଷ୍ପତ୍ତି ଦେଶର ଏକତାକୁ ସୁଦୃଢ଼ କରିବା ଦିଗରେ ଉଦ୍ଦିଷ୍ଟ - କହିଛନ୍ତି ପ୍ରଧାନମନ୍ତ୍ରୀ।
- ଲୋକସଭାରେ ଆସନ୍ତାକାଲି ଆଗତ ହେବ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ସମ୍ପର୍କିତ ୨ଟି ବିଲ୍।
- ଚତୁର୍ଥ ମୁଖ୍ୟ ଶାସନ ସଚିବ ଜାତୀୟ ସମ୍ମିଳନୀକୁ ଆଜି ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ।
- ଆଜିଠାରୁ ୩ ଦିନିଆ ଭାରତ ଗସ୍ତରେ ଆସୁଛନ୍ତି ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେ।

ଏବଂ

- ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନରେ ବ୍ୟାଟିଂ କରୁଛି ଅଷ୍ଟ୍ରେଲିଆ।

# ଲୋକସଭା-ପିଏମ୍ କନ୍ଷ୍ଟିଚ୍ୟୁସନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ସମ୍ବିଧାନ ହେଉଛି ଦେଶର ଏକତାର ମୂଳସ୍ତମ୍ଭ। ବିବିଧତା ମଧ୍ୟରେ ଏକତା ଭାରତର ଅନନ୍ୟ ବୈଶିଷ୍ଟ୍ୟ ବୋଲି ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ନୀତି ଓ ନିଷ୍ପତ୍ତି ଦେଶର ଏକତାକୁ ସୁଦୃଢ଼ କରିବା ଦିଗରେ ଉଦ୍ଦିଷ୍ଟ। ଗତକାଲି ଲୋକସଭାରେ ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ୨ ଦିନିଆ ବିତର୍କର ଉତ୍ତର ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ମୌଳିକ କର୍ତ୍ତବ୍ୟ ପାଳନ କରିବାକୁ ହେଲେ ବିକଶିତ ଭାରତର ସ୍ୱପ୍ନ ସାକାର ହୋଇପାରିବ।

ପ୍ରଧାନମନ୍ତ୍ରୀ କହିଥିଲେ କେନ୍ଦ୍ର ସରକାର ଏକକ ନାଗରିକ ସଂହିତା ଲାଗୁ କରିବାକୁ ପ୍ରତିଶ୍ରୁତିବଦ୍ଧ, କାରଣ ଏହା ଦେଶର ସମ୍ବିଧାନ ନିର୍ମାତାଙ୍କ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି। ସମ୍ବିଧାନ ସଭା ଏହା ଉପରେ ଦୀର୍ଘ ସମୟ ବିଚାର ବିମର୍ଷ କରିଛି ଏବଂ ନିର୍ବାଚିତ ସରକାର ଏହାକୁ କାର୍ଯ୍ୟକାରୀ କରିବେ। ସେ କହିଛନ୍ତି ଏନ୍‌ଡିଏ ସରକାର ଏକ ଧର୍ମନିରପେକ୍ଷ ଏକକ ନାଗରିକ ସଂହିତା ଲାଗୁ କରିବା ଲାଗି କାର୍ଯ୍ୟ କରୁଛନ୍ତି।

ଆଲୋଚନା କାଳରେ ପ୍ରଧାନମନ୍ତ୍ରୀ କେନ୍ଦ୍ର ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ସେ କହିଥିଲେ ଜମ୍ମୁକାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରାଯିବା ସହ ଗୋଟିଏ

ଦେଶ, ଗୋଟିଏ ଟିକସ ଓ ଜିଏସ୍‌ଟି ଲାଗୁ କରାଯାଇଛି। ସେହିପରି ଭିତ୍ତିଭୂମି ବିକାଶ ସହ ଦେଶର ଲୋକମାନଙ୍କ ବିକାଶ ନିମନ୍ତେ ଗୋଟିଏ ଦେଶ, ଗୋଟିଏ ରାସନକାର୍ଡ, ଆୟୁଷ୍ମାନ କାର୍ଡ, ଗୋଟିଏ ଦେଶ, ଗୋଟିଏ ଗ୍ରୀଡ୍‌ ଭଳି ଯୋଜନାଗୁଡ଼ିକ ଲାଗୁ କରାଯାଇଛି। ପ୍ରଧାନମନ୍ତ୍ରୀ କହିଛନ୍ତି ଦେଶରେ ଦ୍ରୁତ ଅର୍ଥନୈତିକ ବିକାଶ ହେଉଛି। ବିକଶିତ ରାଷ୍ଟ୍ରରେ ପରିଣତ ହେବାପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ଏବଂ ଆଗାମୀ ସମୟରେ ଭାରତ ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବାକୁ ଯାଉଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

ଗତ ୭୫ ବର୍ଷ ମଧ୍ୟରେ ଭାରତୀୟ ସମ୍ବିଧାନର ଗୌରବମୟ ଯାତ୍ରାକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରି କହିଛନ୍ତି ଏହା ଦେଶ ପାଇଁ ଗର୍ବର ବିଷୟ। ଭାରତୀୟ ଗଣତନ୍ତ୍ର ସାରା ବିଶ୍ୱ ପାଇଁ ପ୍ରେରଣାର ସ୍ରୋତ ପାଲଟିଛି। ସେ କହିଛନ୍ତି ସମ୍ବିଧାନ ପ୍ରଣୟନରେ ମହିଳାଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ଥିଲା। ତାଙ୍କ ସରକାର ମହିଳାଙ୍କ ନେତୃତ୍ୱାଧିନ ବିକାଶ ଉପରେ ଧ୍ୟାନ ଦେଇ କାର୍ଯ୍ୟ କରୁଛନ୍ତି ଏବଂ ଗତବର୍ଷ ସଂସଦରେ ନାରୀଶକ୍ତି ବନ୍ଦନ ଅଧିନିୟମ ପାରିତ ହୋଇଛି।

ବିରୋଧି କଂଗ୍ରେସକୁ ସମାଲୋଚନା କରି ଶ୍ରୀ ମୋଦୀ କହିଛନ୍ତି ଯେ ସମ୍ବିଧାନର ନୀତି ଆଦର୍ଶକୁ କଂଗ୍ରେସ ସବୁସମୟରେ ଜଳାଞ୍ଜଳି ଦେଇଛି। ସେ କହିଛନ୍ତି ଗୋଟିଏ ପରିବାର ୫୫ ବର୍ଷ ଦେଶକୁ ଶାସନ କରିଥିବାବେଳେ ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ସମୟରେ କଂଗ୍ରେସ ପକ୍ଷରୁ

ଜରୁରୀକାଳୀନ ପରିସ୍ଥିତି ଲାଗୁ କରାଯାଇଥିଲା ଏବଂ ଲୋକମାନଙ୍କୁ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରାଯାଇଥିଲା ।

ପ୍ରଧାନମନ୍ତ୍ରୀ କହିଛନ୍ତି ୬ ଦଶନ୍ଧିର ଶାସନ କାଳରେ ୭୫ ଥର ସମ୍ବିଧାନ ପରିବର୍ତ୍ତନ କରାଯାଇଛି । ୧୯୭୧ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ ଅଣଦେଖା କରାଯାଇ ନ୍ୟାୟପାଳିକାର କ୍ଷମତାକୁ କ୍ଷୁର୍ଣ୍ଣ କରିବା ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ସମ୍ବିଧାନ ପରିବର୍ତ୍ତନ କରିଥିଲେ ।

ପ୍ରଧାନମନ୍ତ୍ରୀ ଧର୍ମ ଆଧାରରେ ସଂରକ୍ଷଣ ଲାଗୁ କରିବା ପାଇଁ କଂଗ୍ରେସକୁ ସମାଲୋଚନା କରିଥିଲେ । ସେ କହିଥିଲେ ସମ୍ବିଧାନ ନିର୍ମାତାମାନେ ଧର୍ମଭିତ୍ତିକ ସଂରକ୍ଷଣ ଲାଗୁ କରିବା ସପକ୍ଷରେ ନ ଥିଲେ । ନ୍ୟାୟପାଳିକା ଦ୍ୱାରା ଧର୍ମଭିତ୍ତିକ ସଂରକ୍ଷଣ ବିରୋଧରେ ଅନେକ ରାୟ ସତ୍ତ୍ୱେ କଂଗ୍ରେସ ଭୋଟବ୍ୟାଙ୍କ ରାଜନୀତି ପାଇଁ ଏହାକୁ କାର୍ଯ୍ୟକାରୀ କରିବାକୁ ଦାବି କରୁଛି ବୋଲି ଶ୍ରୀ ମୋଦୀ କହିଥିଲେ ।

ଏନ୍‌ଡିଏ ସରକାର ସପକ୍ଷରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଇନରେ କରାଯାଉଥିବା ସଂଶୋଧନଗୁଡ଼ିକର ଉଦ୍ଦେଶ୍ୟ ହେଉଛି ଏକତା ଭାବନାକୁ ସୁଦୃଢ଼ କରିବା । ଗଣତନ୍ତ୍ରରେ ମହିଳାଙ୍କୁ ସଶକ୍ତ କରିବା ପାଇଁ ଏବଂ ଜମ୍ମୁକାଶ୍ମୀରରେ ସମ୍ବିଧାନର ଆଇନ ଲାଗୁ କରିବା ପାଇଁ ସଂଶୋଧନ ଜରୁରୀ ଥିଲା ବୋଲି ଶ୍ରୀ ମୋଦୀ କହିଥିଲେ । ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ପଦକ୍ଷେପ ଯୋଗୁଁ ୨୫ କୋଟି ଗରିବ ଲୋକ ବିକାଶ

ପ୍ରକ୍ରିୟାରେ ସାମିଲ ହୋଇଛନ୍ତି ବୋଲି ବିତର୍କର ଜବାବ ଦେଇ ଶ୍ରୀ ମୋଦୀ କହିଥିଲେ।

## ନଡ୍ଡା-୭୫ ୟର୍ସ ଅଫ୍ କନ୍‌ଷ୍ଟିଚ୍ୟୁସନ୍

ଭାରତୀୟ ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ଅବସରରେ ଲୋକସଭାରେ ଆୟୋଜିତ ବିତର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବକ୍ତବ୍ୟକୁ ବିଜେପି ଅଧ୍ୟକ୍ଷ ଜେ.ପି. ନଡ୍ଡା ପ୍ରଶଂସା କରିଛନ୍ତି। ସମ୍ବିଧାନ ଏବଂ ଏହାର ବିଭିନ୍ନ ବିଷୟବସ୍ତୁ ପ୍ରସଙ୍ଗରେ କଂଗ୍ରେସ ଓ ବିରୋଧି ଦଳଗୁଡ଼ିକ ଯେଉଁ ଅପପ୍ରଚାର ଚଳାଇଛନ୍ତି, ଏବେ ତାହା ପ୍ରଧାନମନ୍ତ୍ରୀଙ୍କ ଉତ୍ତର ପରେ ସ୍ପଷ୍ଟ ହୋଇଥିବ ବୋଲି ସେ କହିଛନ୍ତି।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଟୁଇଟ୍ ଜରିଆରେ ଶ୍ରୀ ନଡ୍ଡା କହିଛନ୍ତି ସମ୍ବିଧାନ ଦିବସ ପାଳନ ଏବଂ ଏହାର ନିର୍ମାତାମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ଏହା ପ୍ରମାଣ କରୁଛି ଯେ ବିଜେପି ସମ୍ବିଧାନର ପ୍ରକୃତ ରକ୍ଷକ ଭାବେ କାର୍ଯ୍ୟ କରୁଛି। ସେ କହିଛନ୍ତି ଗତ ୧୦ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଭିନ୍ନ ବର୍ଗର ଜନସାଧାରଣଙ୍କ ସାମଗ୍ରିକ ବିକାଶ କାର୍ଯ୍ୟ ଜାରି ରହିଛି। ସେ କହିଛନ୍ତି ଦେଶକୁ ବିକଶିତ କରିବା କ୍ଷେତ୍ରରେ ସମନ୍ୱିତ ମାନବତା ଏବଂ ଅନ୍ତୋଦୟ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଶ୍ରୀ ନଡ୍ଡା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ ଲୋକସଭାରେ ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ଅବସରରେ ୧୧ଟି ବିଷୟ ଉପରେ ଆଲୋଚନା କରିଛନ୍ତି। ଏଗୁଡ଼ିକ ଭାରତୀୟ

ସମ୍ବିଧାନର ମୂଳଦୁଆ ଓ ଏହାଯୋଗୁଁ ସମ୍ବିଧାନର ମୂଳ ନୀତି ଓ ଆଦର୍ଶ ବଜାୟ ରହିପାରିଛି ।

## ବିଲ୍-ଓ୍ୱାନ୍ ନେସନ୍ ଓ୍ୱାନ୍ ଇଲେକ୍ସନ

ଲୋକସଭାରେ ଆସନ୍ତାକାଲି କେନ୍ଦ୍ର ସରକାର 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ' ସମ୍ପର୍କିତ ୨ଟି ବିଲ୍ ଆଗତ କରିବେ । ଆଇନ୍‌ମନ୍ତ୍ରୀ ଅର୍ଜୁନ ରାମ୍ ମେଘଓ୍ୱାଲ ଲୋକସଭାରେ ସମ୍ବିଧାନ ୧୨୯ତମ ସଂଶୋଧନ ବିଲ୍ ଏବଂ କେନ୍ଦ୍ରଶାସିତ ଅଂଚଳ ସଂଶୋଧନ ଆଇନ୍ ବିଲ୍ ଆଗତ କରିବେ । ସୂଚନାଯୋଗ୍ୟ, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ଏହି ପ୍ରସଙ୍ଗ ନେଇ ରିପୋର୍ଟ କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରିବା ପରେ ଗତ ଗୁରୁବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହାକୁ ଅନୁମୋଦନ ମିଳିଥିଲା । ବିଭିନ୍ନ ରାଜନୈତିକ ଦଳ, ବିଶେଷଜ୍ଞ ଏବଂ ଅନ୍ୟ ଅଂଶୀଦାରଙ୍କ ସହ ବିଚାରବିମର୍ଶ ପରେ କମିଟି ତା'ର ରିପୋର୍ଟ ପ୍ରସ୍ତୁତ କରିଥିଲା । 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ'କୁ ୨ଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯିବାକୁ କମିଟି ସୁପାରିଶ୍ କରିଛି । ପ୍ରଥମ ପର୍ଯ୍ୟାୟରେ ଲୋକସଭା ଏବଂ ବିଧାନସଭା ନିର୍ବାଚନ ଏକାସାଙ୍ଗରେ ଅନୁଷ୍ଠିତ ହେବାକୁ ଥିବାବେଳେ ସାଧାରଣ ନିର୍ବାଚନର ୧୦୦ ଦିନ ମଧ୍ୟରେ ପଞ୍ଚାୟତ ଓ ପୌରପାଳିକା ଭଳି ସ୍ଥାନୀୟ ସଂସ୍ଥା

ନିର୍ବାଚନ ଅନୁଷ୍ଠିତ ହେବା ନେଇ କମିଟି ତା' ରିପୋର୍ଟରେ ସୁପାରିଶ୍ କରିଛି ।

## ପିଏମ୍ ନାସନାଲ କନଫରେନ୍ସ

ନୂଆଦିଲ୍ଲୀରେ ଚାଲିଥିବା ଚତୁର୍ଥ ମୁଖ୍ୟ ଶାସନ ସଚିବ ଜାତୀୟ ସମ୍ମିଳନୀକୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ବୋଧନ କରିବେ । ଗତକାଲି ଶ୍ରୀ ମୋଦୀ ଏହି ସମ୍ମିଳନୀରେ ଅଧ୍ୟକ୍ଷତା କରିଥିଲେ । ଗତ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ୩ ଦିନିଆ ସମ୍ମିଳନୀରେ ସାମୂହିକ ବିକାଶ ଓ ଏହାର କାର୍ଯ୍ୟକାରିତା ନେଇ ଆଲୋଚନା କରାଯାଉଛି । ବୈଠକରେ ରାଜ୍ୟଗୁଡ଼ିକ ସହ ଭାଗୀଦାରିତା ନେଇ ଏକ ସମନ୍ୱିତ ଚିଠା ପ୍ରସ୍ତାବ ଆଜି ଚୂଡ଼ାନ୍ତ କରାଯିବ ବୋଲି ଜଣାପଡିଛି ।

କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଭାଗିଦାରୀକୁ ଆହୁରି ସୁଦୃଢ଼ କରାଯିବା ନେଇ ଏହି ସମ୍ମିଳନୀରେ ବିସ୍ତୃତ ଆଲୋଚନା ହେଉଛି । ସମବାୟ ସଂଘୀୟ ବ୍ୟବସ୍ଥାକୁ ଆହୁରି ତ୍ୱରାନ୍ୱିତ କରିବା ଏବଂ ଦ୍ରୁତ ଅଭିବୃଦ୍ଧି ଓ ବିକାଶ ହାସଲ ପାଇଁ ଉତ୍ତମ ସମନ୍ୱୟ ସୁନିଶ୍ଚିତ କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ । ଏହି ସମ୍ମିଳନୀରେ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବ ଏବଂ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ଯୋଗ ଦେଇଛନ୍ତି । ଉଦ୍ୟୋଗ, ନିଯୁକ୍ତି ଏବଂ ଦକ୍ଷତାକୁ ପ୍ରୋତ୍ସାହିତ କରିବା ତଥା ଜନସଂଖ୍ୟାଗତ ଲାଭାଂଶର ଉପଯୋଗ ଶୀର୍ଷକ

ପ୍ରସଙ୍ଗ ଉପରେ ଚଳିତବର୍ଷର ଏହି ଜାତୀୟ ସମ୍ମିଳନୀକୁ ଆୟୋଜନ କରାଯାଇଛି। ଉତ୍ପାଦନ, ସେବା, ଗ୍ରାମୀଣ ଅଣକୃଷି, ସହରାଞ୍ଚଳ, ଅକ୍ଷୟଶକ୍ତି, ଅର୍ଥନୀତି ଭଳି ୬ଟି କ୍ଷେତ୍ର ଉପରେ ଏହି ସମ୍ମିଳନୀରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଉଛି।

ସୂଚନାଯୋଗ୍ୟ, ପ୍ରଥମ ମୁଖ୍ୟ ଶାସନ ସଚିବ ସମ୍ମିଳନୀ ଗତ ୨୦୨୨ରେ ଧର୍ମଶାଳାଠାରେ ଅନୁଷ୍ଠିତ ହୋଇଥିବାବେଳେ ସମ୍ମିଳନୀର ଦ୍ୱିତୀୟ ସଂସ୍କରଣ ଗତବର୍ଷ ଜାନୁୟାରୀରେ ଏବଂ ତୃତୀୟ ସଂସ୍କରଣ ଗତବର୍ଷ ଡିସେମ୍ବର ମାସରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା।

## ଶ୍ରୀଲଙ୍କା ପ୍ରେଜ୍ ଭିଜିଟ୍

ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେ ଆଜିଠାରୁ ତିନିଦିନିଆ ଭାରତ ଗସ୍ତରେ ଆସୁଛନ୍ତି। ଶ୍ରୀଲଙ୍କାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଶ୍ରୀ ଦିଶାନାୟକେ ପ୍ରଥମ ଥରପାଇଁ ଭାରତ ଗସ୍ତରେ ଆସିବେ। ଏହି ଗସ୍ତକାଳରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦ୍ୱିପାକ୍ଷିକ ଆଞ୍ଚଳିକ ଓ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉପରେ ଆଲୋଚନା କରିବେ। ଏହି ଗସ୍ତ କାଳରେ ଶ୍ରୀ ଦିଶାନାୟକେ ଦିଲ୍ଲୀରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ଓ ପୁଞ୍ଜିନିବେଶ ବୃଦ୍ଧିନେଇ ଏକ କାର୍ଯ୍ୟକ୍ରମରେ ଯୋଗଦେବେ।

## ଏନ୍‌ଆଇଏ-ଜମ୍ମୁକାଶ୍ମୀର ଟେରୋରିଷ୍ଟ ଆଟାକ୍

ଜମ୍ମୁକାଶ୍ମୀରର ଶିବଘୋରିରୁ କଟ୍‌ରାକୁ ଯାଉଥିବା ଏକ ତୀର୍ଥଯାତ୍ରୀ ବସ୍ ଉପରେ ଆତଙ୍କବାଦୀ ଆକ୍ରମଣ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍.ଆଇ.ଏ) ଅଭିଯୁକ୍ତ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ଜମ୍ମୁସ୍ଥିତ ଏନ୍.ଆଇ.ଏ.ର ସ୍ୱତନ୍ତ୍ର କୋର୍ଟରେ ଦାଖଲ କରାଯାଇଥିବା ଚାର୍ଜସିଟ୍‌ରେ ଭାରତୀୟ ପେନାଲ କୋଡ୍ ଏବଂ ବେଆଇନ କାର୍ଯ୍ୟକଳାପ ଆଇନ ଅଧିନରେ ଅଭିଯୁକ୍ତ ହକାମ୍ ଖାନ୍‌ଙ୍କ ବିରୋଧରେ ଅନେକଗୁଡ଼ିଏ ଧାରା ଲାଗୁ କରାଯାଇଛି। ଚଳିତ ବର୍ଷ ଜୁନ୍ ୯ ତାରିଖରେ କିଛି ଅଜ୍ଞାତ ଆତଙ୍କବାଦୀମାନେ କାଣ୍ଡା ନିକଟରେ ସମ୍ପୃକ୍ତ ତୀର୍ଥଯାତ୍ରୀ ବସ୍ ଉପରକୁ ଆଖିବୁଜା ଗୁଳିମାଡ଼ କରିଥିଲେ। ଏହି ଘଟଣାରେ ବସ୍ ଡ୍ରାଇଭରଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୪୧ ଜଣ ତୀର୍ଥଯାତ୍ରୀ ଗୁରୁତର ଭାବେ ଆହତ ହୋଇଥିଲେ। ବସ୍ ଡ୍ରାଇଭରଙ୍କୁ ଗୁଳିମାଡ଼ ଯୋଗୁଁ ସେ ବସ୍ ଉପରୁ ନିୟନ୍ତ୍ରଣ ହରାଇଥିଲେ। ଫଳରେ ବସ୍‌ଟି ଏକ ଖାତ ମଧ୍ୟକୁ ଖସିପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାର ତଦନ୍ତ ଦାୟିତ୍ୱ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏନ୍.ଆଇ.ଏ.କୁ ଦିଆଯାଇଥିଲା।

## କ୍ରିକେଟ୍ – ଅଷ୍ଟ୍ରେଲିଆ ଓ ଇଣ୍ଡିଆ

ଗାବାର ବ୍ରିସବେନ୍‌ଠାରେ ଆଜି ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନ ଖେଳ ଆରମ୍ଭ ହୋଇଛି। ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଅଷ୍ଟ୍ରେଲିଆ ତା'ର ପ୍ରଥମ ଇନିଂସରେ ସମ୍ବାଦ ପ୍ରସ୍ତୁତ ହେବାବେଳକୁ ୩୪ ଓଭରରେ ୩ ୱିକେଟ

ହରାଇ ୭୫ ରନ୍ କରିଥିଲା । ଗତକାଲି ଭାରତ ଟସ୍ ଜିତି ବୋଲିଂ କରିବା ଲାଗି ନିଷ୍ପତ୍ତି ନେଇଥିଲା । ତେବେ ବର୍ଷା ଜାରି ରହିବାରୁ ଅଧିକ ସମୟ ଧରି ଖେଳ ଚାଲିପାରିନଥିଲା । ଅଷ୍ଟ୍ରେଲିଆ ଗତକାଲି କୌଣସି ଓ୍ୱିକେଟ ନ ହରାଇ ୨୮ ରନ୍ ସ୍କୋର କରିଥିଲା । ଏହି ୫ଟିକିଆ ଟେଷ୍ଟମ୍ୟାଚ ଶୃଙ୍ଖଳାରେ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ଉଭୟ ଦଳ ୧-୧ ପଏଣ୍ଟରେ ସମାନ ସ୍ତରରେ ଅଛନ୍ତି ।

## ହକି ଏସିଆକପ୍ ଫାଇନାଲ

ଓମାନ୍‌ର ମସ୍କଟଠାରେ ଚାଲିଥିବା ମହିଳା ଜୁନିୟର ଏସିଆ କପ୍ ହକି ପ୍ରତିଯୋଗିତାର ଫାଇନାଲରେ ଆଜି ଭାରତ ଓ ଚୀନ୍ ମଧ୍ୟରେ ମୁକାବିଲା ହେବ । ଭାରତ ଏହି ଟାଇଟଲ ହାସଲ କରିବା ଲାଗି ସମସ୍ତ ଉଦ୍ୟମ କରିବ । ପୂର୍ବରୁ ଏହି ପ୍ରତିଯୋଗିତାରେ ଚୀନ୍ ୨-୧ ଗୋଲ୍‌ରେ ଭାରତକୁ ପୁଲ୍ ମ୍ୟାଚ୍‌ରେ ପରାସ୍ତ କରିଥିଲା ।